# ଓଡିଶା ବଜାରରେ ଓର୍‌ଟେଲର୍ ଇଣ୍ଟରନେଟ୍ ସେବା

ଭୁବନେଶ୍ୱର, ୨୧।୮ (ଅନୁପମ ମିଡିଆ): ଓର୍‌ଟେଲ କମ୍ୟୁନିକେସନ ଲିମିଟେଡ୍ ପକ୍ଷରୁ ଅତ୍ୟାଧୁନିକ ବ୍ରଡ୍‌ବେଣ୍ଡ ଇଣ୍ଟରନେଟ୍ ସେବା ବ୍ୟବସାୟ ନିମନ୍ତେ ଓଡିଶା ବଜାରରେ ପ୍ରବେଶ କରିଛି । "ଡକ୍‌ସିସ୍ ୨.୦" କେବୁଲ ମୋଡେମ୍ ଇଣ୍ଟରନେଟ୍ ମାଧ୍ୟମରେ ପୃଥିବୀର ଏହି ଅତ୍ୟାଧୁନିକ ବ୍ରଡ୍‌ବେଣ୍ଡ ଇଣ୍ଟରନେଟ୍ ସେବା ଓଡିଶାବାସୀ ଅତି ସହଜରେ ପାଇପାରିବେ ବୋଲି ଓର୍‌ଟେଲ କମ୍ୟୁନିକେସନ ପକ୍ଷରୁ କୁହାଯାଇଛି ।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓରଟେଲର ବି.ପି.ରଥ (ଏ.ଭି.ପି, ଫାଇନାନ୍ସ ଆଣ୍ଡ ସି.ଏ.) କହିଲେ ଯେ, ଏହି ଇଣ୍ଟରନେଟ୍ ସେବା ଯୋଗାଇବାରେ ଓଡିଶା ଭାରତରେ ପ୍ରଥମ ରାଜ୍ୟ ଓ ଦକ୍ଷିଣ ଏସିଆ ଦେଶମାନଙ୍କରେ ଚତୁର୍ଥ ସ୍ଥାନ ହେବାର ଗୌରବ ଅଧିକାର କରିଛି ।

Ortel, net ରେ ଉପଲବ୍ଧ ଡକ୍‌ସିସ୍ ୨.୦ କେବୁଲ ମଡେମ୍ ମୂଲ୍ୟରେ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟି ଏହାର ଦାମ୍ ୯ ହଜାର ଟଙ୍କାରୁ ୫ ହଜାର ଟଙ୍କାକୁ ଖସି ଆସିଛି । ଏହି ମୋଡେମ୍ ବ୍ୟବହାର କରାଯାଇ ଗୋଟିଏ ସ୍ଥାନରେ ବିଭିନ୍ନ ଅଞ୍ଚଳରେ ନିଜର ବ୍ୟବସାୟକୁ ନିୟନ୍ତ୍ରିତ କରିବା ସହଜ ହେବ ଏବଂ ଟେଲିଫୋନ୍ ସଂଯୋଗର ବିଶେଷ ଆବଶ୍ୟକତା ପଡିବ ନାହିଁ ବୋଲି ସୂଚନା ଦେଇ ରଥ କହିଲେ ଏହି ସେବା ବର୍ତ୍ତମାନ କଟକ ଓ ଭୁବନେଶ୍ୱର ନିମନ୍ତେ ଆରମ୍ଭ କରାଯାଇଛି । ଅତି ନିକଟରେ ଓଡିଶାରେ ପ୍ରମୁଖ ଜିଲ୍ଲା ଓ ସହର ମାନଙ୍କରେ ଏହି ସେବାକୁ ପହଞ୍ଚାଇ ଦିଆଯିବ । ଏଥି ସହ Ortel, net ମୋଡେମ୍ ସହ ଟେଲିଫୋନ୍ ସେବା ସଂ
କରାଯିବାର ଯୋଜନା ରହିଛି ଏବଂ ଆ
ବର୍ଷ ମଧ୍ୟରେ ଏହା ଉପଲବ୍ଧ
ଯାହାଦ୍ୱାରା ସେହି ଏକା ମୋ
ବ୍ୟବହାରରେ ଉଭୟ ଇଣ୍ଟରନେଟ୍ ସହ
ଟେଲିଫୋନ୍‌ରେ କଥାବାର୍ତ୍ତା
ହୋଇପାରିବ ।

Anupam Bharat dtd. 22/8/03